ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ, ପଟ୍ଟାମୁଣ୍ଡାଇ କେନ୍ଦ୍ରାପଡା

# ଓଡିଆ ଭାଷା ସାହିତ୍ୟ ବିଭାଗ
# ପ୍ରକଳ୍ପର ବିଷୟବସ୍ତୁ

# କେନ୍ଦ୍ରାପଡାର ଲୋକଗୀତ

- ମାର୍ଗଦର୍ଶିକା -
ଡ. ପ୍ରେମଲତା ରାଉତ

- ଉପସ୍ଥାପନ -
+୩ ଶେଷବର୍ଷ ଓଡ଼ିଆ ସମ୍ମାନ
ଶ୍ରେଣୀର ଛାତ୍ରଛାତ୍ରୀ

ତା- ୦୫-୦୧-୨୦୨୦ରିଖ

# ମୁଖବନ୍ଧ

ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର +୩ ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ନେଇ **"କେନ୍ଦ୍ରାପଡାର ଲୋକଗୀତ"** ଶୀର୍ଷକ ଏକ ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି । ଏଥିରେ ୧୪ଜଣ ଛାତ୍ରଛାତ୍ରୀ ମୋ ଅଧୀନରେ କାର୍ଯ୍ୟ କରି ପ୍ରକଳ୍ପଟିକୁ ସୁଚାରୁରୂପେ ସମାପ୍ତ କରିଛନ୍ତି । ଲୋକଗୀତ ଯାହା ଓଡ଼ିଆ ସାହିତ୍ୟର ଆଦ୍ୟ ଓଁ କାର ଭାବରେ ଜନମାନସରେ ଜୀବିତ ରହିଛି । ତାହା ଜଣଙ୍କର ରଚନା ନୁହେଁ ବରଂ ଗଣ/ଲୋକ ସମୁଦାୟଙ୍କ ରଚନା । ଏହିକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର କେତେକ ଲୋକକବି ସେମାନଙ୍କ ଗୀତ ମାଧ୍ୟମରେ ଓଡ଼ିଆ ଲୋକଗୀତକୁ ମହିମାମଣ୍ଡିତ କରିଛନ୍ତି । ଏହି ପ୍ରକଳ୍ପ ମାଧ୍ୟମରେ ପିଲାମାନେ ଦେଖାଇଦେବାକୁ ଚେଷ୍ଟା କରିଛନ୍ତି ପ୍ରଚଳିତ ବିଭିନ୍ନ ପ୍ରକାର ଲୋକଗୀତ ମଧ୍ୟମରୁ କେଉଁଗୁଡ଼ିକ କେନ୍ଦ୍ରାପଡ଼ା ଜିଲ୍ଲାର । ଏଥିପାଇଁ ସେମାନେ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯାଇ ସେଠିକାର ପୁରୁଖା ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରିଛନ୍ତି ତଥା ବିଭିନ୍ନ ଗ୍ରନ୍ଥାଗାରରୁ ମଧ୍ୟ ଅନେକ କଷ୍ଟ ସ୍ୱୀକାର ପୂର୍ବକ ତଥ୍ୟ ସଂଗ୍ରହ କରିଛନ୍ତି ।

ଏହି ପ୍ରକଳ୍ପ କାର୍ଯ୍ୟରେ ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଆଗ୍ରହ ସହକାରେ ମୋ ସହିତ କ୍ଷେତ୍ର ପରିଦର୍ଶନ କରିବା ସହିତ ବିଭିନ୍ନ ବିବରଣୀମାନ ପ୍ରସ୍ତୁତ କରିଛନ୍ତି । କ୍ଷେତ୍ର ପରିଦର୍ଶନ ସମୟରେ ବିଭିନ୍ନ ସ୍ଥାନର ଲୋକଙ୍କଠାରୁ ଗୀତଗୁଡ଼ିକୁ ସଂଗ୍ରହ କରିଛନ୍ତି । ତଥା ଏହାର ଏକ କ୍ରମିକ ତାଲିକା ପ୍ରସ୍ତୁତ କରିଛନ୍ତି । ଏହା ସହିତ ଗୀତଗୁଡ଼ିକର ସାମାଜିକ , ଭାବଗତ, ଆବେଦନ ସହିତ ନାରୀ ଜୀବନର ଚିତ୍ର, କୃଷିକେନ୍ଦ୍ରିକ ସମାଜର ଚିତ୍ର ତଥା ଅନ୍ଧବିଶ୍ୱାସ କବଳିତ ସମାଜର ଚିତ୍ର ମଧ୍ୟ ଦେଖାଇ ଦେଇଛନ୍ତି ।

ଆମ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର୍ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶ ମହୋଦୟଙ୍କ ପ୍ରେରଣା ତଥା ଅନେକ ଅଞ୍ଚଳର ସହୃଦୟ ବ୍ୟକ୍ତିବିଶେଷଙ୍କ ସହଯୋଗ ବିନା ପ୍ରକଳ୍ପଟି ହୁଏତ ପୂର୍ଣ୍ଣ ହୋଇ ପାରିନଥାନ୍ତା । ସେଥି ପାଇଁ ଆମ ପ୍ରିୟ ଅଧକ୍ଷ ତଥା ସେହି ସହୃଦୟ ମାନଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

ଶେଷରେ ଏତିକି ଆଶା କରିବି ପ୍ରକଳ୍ପଟି ବର୍ତ୍ତମାନ ତଥା ଆଗାମୀ ଶିକ୍ଷାବର୍ଷର ଛାତ୍ରଛାତ୍ରୀ ମାନଙ୍କର ମାର୍ଗଦର୍ଶନରେ ଅବଶ୍ୟ ସହାୟକ ହେବ ।

Principal
Pattamundai College

H.O.D. Odia
Pattamundai College

ଡ. ପ୍ରେମଲତା ରାଉତ
ମାର୍ଗଦର୍ଶିକା

IQAC Co-ordinator
Pattamundai College

OFFICE OF THE PRINCIPAL
ESTD-1970
No.........
Date.........

# ଓଡ଼ିଶାର ଜନଜୀବନରେ ଲୋକଗୀତର ପ୍ରଭାବ

## ଓଡ଼ିଆ ଲୋକଗୀତ :-

ସଂଗୀତକୁ କେହି ସୃଷ୍ଟି କରେ ନାହିଁ । ଏହା ଆପେ ଆପେ ଜନ୍ମ ନିଏ । ଅଦ୍ଭୁତ ଏ ମଣିଷ ଜାତି , ପ୍ରଥମ ଅବସ୍ଥାରେ ନଥିଲା କୌଣସି ତା'ର ବାସସ୍ଥାନ । ପ୍ରକୃତି କୋଳରେ ସେ ଯେତେବେଳେ ନିହାତି ଶିଶୁଟିଏ ପରି ବଢ଼ିଥିଲା ସେତେବେଳେ ତା' ପାଇଁ ପ୍ରକୃତି ହିଁ ଥିଲା ଏକମାତ୍ର ସମ୍ବଳ - ପ୍ରେରଣା - ପ୍ରଚାରଣା । ନଈ , ପାହାଡ଼ , ଝରଣା, ପକ୍ଷୀ, ବଣଗଛ , ବାଘଭାଲୁ , ବନରେ ପ୍ରାଣୀମାନଙ୍କ ସହ ସୃଷ୍ଟି ହୋଇଥିଲା ତା'ର ଅନ୍ତରଙ୍ଗ ଆତ୍ମୀୟତା । ସେ ଶୁଣୁଥିଲା ଅତି ଆଦରରେ ବାଛୁରୀ ଗାଈକୁ ଡାକିବାର ସ୍ୱର । କୋକିଳ ଡାଳରେ ଗର୍ଜନ କରୁଥିବା ବାଘ ତା' ମନରେ ଶଙ୍କା ମୋହ ସୃଷ୍ଟି କରୁଥିଲା । ପୁଣି ଆକାଶିଆ ପାହାଡ଼ ଝରଣାଟି ଯେତେବେଳେ ପାହାଡ଼ କୋଳରେ କେତେ ସୁନ୍ଦର ଶୁଭୁଥିଲା ' ଏହି ଶବ୍ଦ ସବୁ ପ୍ରାଚୀନ ମଣିଷ ନିଜକୁ ଏକାଠି କରିନେଲା । ସେ ଶିଖିଲା ବଉଳର ଝୁମ୍ପାରୁ ଆଉ ବାଦ୍ୟର ବିନୋଦ । ତା'ର ଆତ୍ମ ଭାବରେ ଗୀତରେ ଶିଶିରବିନ୍ଦୁ ନୀଳଦିଗନ୍ତର ମନୋଭାବ ବଢ଼ିଲା , ଶିଷ୍ଟତିତ ସମ୍ବୋଧନରେ ସେ ଜୀବିକା ଅନ୍ୱେଷଣରେ ବାହାରିଗଲା । ନିଆଁ ଜାଳିଲା , ଚାଷ ଡୋଳିଲା , କଠୋର ପରିଶ୍ରମକୁ ନିର୍ବାହ କଲା , ଯେତେବେଳେ ନିଜ ସ୍ତ୍ରୀ ପିଲାଙ୍କୁ ନେଇ ବା ଅତି ଆଦରର ଗୋଟା ଗାଈ ବାଛୁରୀଙ୍କ ପାଇଁ ନେଇ । ତା' ପାଟିରୁ ବାହାରି ପଡ଼ିଲା 'ଉଠରେ ମୋ ଧନରେ' । ସେ କଥା କହି ଶିଖିଲା , ନିଜ ଅନ୍ତରର ଖୁସି ମନକୁ ପ୍ରକାଶ କରିବା ପାଇଁ ଗୁଣୁଗୁଣୁ ହେଲା । ଏହି ଗୁଣୁଗୁଣୁ ପ୍ରକୃତି ଯେତେବେଳେ ତା' ହୃଦୟରୁ ବାହାରିଲା ସେତେବେଳେ ସ୍ୱତଃସ୍ଫୂର୍ତ୍ତ ସଙ୍ଗୀତ ସୃଷ୍ଟି ହେଲା । ମଣିଷ ଗୀତ ଗାଇଲା । ଏହି ଗୀତହିଁ ପ୍ରକୃତି-ଠାରୁ ଜନି- ସୃଷ୍ଟି ଲାଗିଲା । ଏବଂ ତ ଏକାକାର ହୋଇଗଲେ । ନଈର

ସୁନ୍ଦରତାରେ ଭିଆହୋଇ ବଡ଼ ପାଟିରେ ଚିତ୍କାର କଲେ, ଯେମିତି ତା' ଶବ୍ଦ ତା' ପାଖକୁ ଫେରିଆସେ, ସେମିତି ପାହାଡ଼, ପର୍ବତ, ଜଙ୍ଗଲ କନ୍ଦରରେ ଶୁଣୁଥିବା ଓ ଅପରିଚିତ ଜନ୍ତୁଙ୍କର ଗୀତ ତା' ଅନ୍ତର ଭିତରେ ପୁନଶ୍ଚ ପ୍ରତିବିମ୍ବିତ ହେଲା। ପରସ୍ପର, ପରସ୍ପରକୁ ଅନୁକରଣ କରି ଗୀତ ଗାଇବା ଆରମ୍ଭ କଲେ। ଗାଇ'ଲେ ସଙ୍ଗୀତ ବା ପ୍ରାଚୀନ ସଙ୍ଗୀତ ଗୋଷ୍ଠୀବଦ୍ଧ ହୋଇ ବଂଚିବା ଶିଖିଲା। ମଣିଷର ଜନ୍ମଗତ ପ୍ରକୃତି ସେ ଯେ କୌଣସି ସମୟ ସ୍ଥଳରେ ନିଜ ପ୍ରିୟ ପରିଜନ ମାନଙ୍କ ସହ ବସତି ସ୍ଥାପନ କଲା। ନିଜ ଭିତରେ ଦୁଃଖ ସୁଖ ବାଣ୍ଟିନେଇ ସଂକଳ୍ପ କରି ଗୋଷ୍ଠୀବଦ୍ଧ ଜୀବନ ଯାପନ କଲେ। ସମୟକ୍ରମେ ପରସ୍ପର ସୁଖ-ଦୁଃଖରେ ଭାଗୀ ହେବା ଦ୍ୱାରା ସେମାନଙ୍କ ମଧ୍ୟରେ ସୋହାର୍ଦ୍ଦ୍ୟ ଆତ୍ମୀୟତା ସୃଷ୍ଟି ହେଲା। ପ୍ରକୃତି ଉପାସନା, ସୂର୍ଯ୍ୟର ଉପାସନା, ଶକ୍ତି ପ୍ରତି ସମ୍ମାନ ଦେବା। କୃଷି କ୍ଷେତ୍ରରେ ଚାଷ କରିବା, ଅସୁସ୍ଥଙ୍କୁ କୁ ସାହାଯ୍ୟ କରିବା, ଫସଲ ଅମଳ ସମୟରେ ଏକତ୍ର ବସି ନାଚିବା ଓ ଗାଇବା, ପାଣି ପିଇବା, ପକ୍ଷୀ ଶିକାରରେ ଯିବା ଆଦି ଗୋଷ୍ଠୀଗତ କାମ ପାଇଁ ଆଦିମ ସଙ୍ଗୀତମାନେ ପୁନଶ୍ଚ ସୃଷ୍ଟି ହେବା ଆରମ୍ଭ କଲେ। ବିଭିନ୍ନ କାର୍ଯ୍ୟରେ ଶ୍ରମ ଲାଘବ ପାଇଁ ଆଦିମ ସଙ୍ଗୀତ ମାନେ ପୁନଶ୍ଚ ସୃଷ୍ଟି ହେଲେ।

**ଲୋକଗୀତର ସଂଜ୍ଞା ଓ ସ୍ୱରୂପ :-**

ଲୋକଗୀତର ସଂଜ୍ଞା କଣ? ମନୁଷ୍ୟର ନିବିଡ଼ତମ ପ୍ରଦେଶରୁ ଯା'ର ଜନ୍ମ। ସିଏ ଜନ୍ମ ହେଲାମାତ୍ର ହଜିଯାଏ। କେ ନିର୍ଦ୍ଦିଷ୍ଟ ବ୍ୟକ୍ତିର ସମ୍ମାନରେ ତା'ର ସଂଜ୍ଞା ପ୍ରଦାନ କରିବା ପ୍ରହେଳିକା ମାତ୍ର। ଗୀତ ମନୁଷ୍ୟର ଗୀତ। ଯାହାର ଆକୃତି ଓ ସ୍ଥିତିକୁ ବୁଝିହୁଏ। ଅନୁଭବ କରିହୁଏ। କୁହେଇବା ସମୟରେ ଯୁଗ ଯୁଗର କଥା ଅନୁଭବ କରିବାକୁ ହୁଏ।

(ଚ) କର୍ମମୂଳକ ଲୋକଗୀତ - ଜୁଗାଳ ଗୀତ, ଗାଡ଼ିଆ ଗୀତ,
ସୁଆରୀ ଗୀତ, ମଙ୍ଗୁଆଳ ଗୀତ,
ମାହୁରିଆ ଗୀତ, ଭଣ୍ଡିକିଆ ପଣ୍ଡା ଗୀତ।

(ଛ) ଅନ୍ୟାନ୍ୟ କେତେକ ଲୋକଗୀତିକା - ସ୍ତୁତି ଗୀତି, ଗୋପାଳକେଳି
ଭ୍ରମ ସଙ୍ଗୀତ, ଶିକାର ଗୀତ।

## ସାମାଜିକ ଗୀତ

### (କ) ମଙ୍ଗଳ ଗୀତି -

ଆମର ସାମାଜିକ ଜୀବନରେ ବିଭିନ୍ନ ଲୋକାଚାରମାନ ରହିଛି। ବିଭିନ୍ନ ଶୁଭ କାର୍ଯ୍ୟରେ ଓ ମଙ୍ଗଳ କାର୍ଯ୍ୟରେ କୁଳବଧୂମାନଙ୍କ ଦ୍ୱାରା ଗୀତ ଗାନ କରାଯାଏ। ସେଗୁଡ଼ିକୁ ମଙ୍ଗଳ ଗୀତ କହନ୍ତି। ବହୁ ପୂର୍ବରୁ ପରମ୍ପରାରେ ସାମାଜିକ ମଙ୍ଗଳ ଅନୁଷ୍ଠାନରେ ଗାନ କରାଯାଉଥିଲା। ଏହି ମଙ୍ଗଳ ବୋଲିମାନଙ୍କୁ ମାଆମାନଙ୍କ ମଙ୍ଗଳ ଗୀତ ମଧ୍ୟ କୁହାଯାଏ। ବିବାହ ଏବଂ ବ୍ରତଘରର ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ଏମାନଙ୍କ ଜନ୍ମ, ନାଡ଼ିଚ୍ଛେଦନ, ଷଠୀଘର, ଅଠୁଆର ସ୍ନାନ, ଅନ୍ନପ୍ରାଶନ, ଆଦିରେ ମଧ୍ୟ ଏ ସଙ୍ଗୀତମାନ ଅତି ପୂର୍ବକାଳରେ ଗ୍ରାମ୍ୟ ସାଙ୍ଗଜମା ଅଥବା ନାରୀମାନଙ୍କ ମୁଖରେ ଗୀତ ହେଉଥିଲା। ପୂର୍ବରୁ ବିବାହ କାର୍ଯ୍ୟରେ ଗ୍ରହଣ କରି ଦିନବାର ସ୍ଥିର କରିବାକୁ ଜ୍ୟୋତିଷଙ୍କୁ ଡକାଯାଏ। ଜ୍ୟୋତିଷ ଅନୁକୂଳ ଦିବସ ସ୍ଥିର କଲା ବେଳେ ମାଆମାନେ ମଙ୍ଗଳ-ଗୀତି ଗାନ କରାଯାଏ। " କାହା ଲାଗି ଅନୁକୂଳରେ ନାରୀ କଣ୍ଠରେ ଭାସିଆସେ -

'କାହା ଲାଗି ହେଉଛନ୍ତି ଜନକର ଯାଗ
ସ୍ୱର୍ଗେ ଥାଇ ଅପସରା ଦିଅନ୍ତି ହୁଳହୁଳି।
ଶ୍ରୀହସ୍ତ ବଢ଼ାଇ ଦେଲେ ଜନକର ଜେମା
ଅକାଳଙ୍କ ଶ୍ରୀମୁଖ କି ଶାରଦ ଚନ୍ଦ୍ରମା
କାହା ଲାଗି ସାରେ ସର୍ବେ ଚତୁସମ ବେଳି
ଲକ୍ଷ୍ମୀ, ଦେବତାଙ୍କୁ ଚନ୍ଦନ ଲଗାଇଲେ ବାଳୀ।'

କଥାରେ ଅଛି - ମଙ୍ଗଳ ହାତ, କୁଳ ଘାଆନ୍ତି ଜେଜେ କହୁଥାନ୍ତି ଜେଜେ ମା'ଙ୍କୁ। ଭୁଲରେ ଯୋଗ ଥିଲେ ଜାହାରୁ ପୁରୋହିତମାନେ ବିଦାୟ ଦେବାବେଳେ ଗୀତ ଗାଉଥାନ୍ତି। ବିଦାୟ ବେଳାର ମଙ୍ଗଳ ଗୀତ ଆମ

ପରମ୍ପରାର ଏକ ବିଶେଷ ଅଂଶ । ରାମ ସୀତା ବନରୁ ଆସିଲା ବେଳେ ଅଯୋଧ୍ୟାର ରାଜମାତା , ଦାସୀମାନେ ମଙ୍ଗଳ ଗୀତ ଗାନ କରିଥିଲେ । ଦ୍ୱାରକାରୀ ଭୂମିକା ଥିଲେ ଅନୁକୂଳ କରି କୁହାଯାଏ -

"ଜୟଜୟ ଜଗନ୍ନାଥ ସର୍ବେ ମଙ୍ଗଳ
ଲକ୍ଷ୍ମୀ ନରସିଂହ ଆସନ୍ତି ସ୍ୱୟଂ ସେ ବାହାର
ଦୁର୍ଗା ମାଧବଙ୍କ ନାମମାତ୍ର ମୋ ମୋ ସାର
ଦଧିବାମନ ସୁମରି ସ୍ୱୟଂ ସେ ବାହାର ।
ଦକ୍ଷିଣ ମଧୁସୂଦନ ବିଷ୍ଣୁ ବିନାଶନ
ଦକ୍ଷିଣ ମୃତ୍ୟୁଞ୍ଜୟ କାଶୀ ସୁରୁଢ ଆସନ ।"

ବିଭିନ୍ନ ସାମାଜିକ କାର୍ଯ୍ୟରେ ମଙ୍ଗଳ ଗୀତ ଗାନ କରାଯାଇଥାଏ । ବିବାହ , ବ୍ରତଘର , ଷଠି , ଶ୍ରାଦ୍ଧ , ଏକୋଇଶା , ଦଶାହ , କୋଳିକିଳୁଡ଼ି , ଜାଗରଣା , ସୁନ୍ଦରି ମଙ୍ଗଳା , ବଡ଼ ଓଷା , ବିବିଧ ଆଦିରେ ମଙ୍ଗଳ ଗୀତ ଶୁଣିବାକୁ ମିଳେ । ମଙ୍ଗଳ ଗୀତ ଓଡ଼ିଶା ସମାଜ ଜୀବନର ଏକ ଅଂଶ ।

(ଙ) ନାଁ ଦିଆ ଗୀତ -

ଗୀତ ଓ ସଙ୍ଗୀତର ତାଳେ ତାଳେ ଜନ୍ମ ଆଉ ଜୀବନକୁ ପ୍ରତ୍ୟକ୍ଷ ପ୍ରାଣରେ ଏକ ଜୀବନ ତା'ର ସ୍ୱରୂପ ପ୍ରଦାନ କରେ । ଏଥିରେ ଗାଆ ଓ ଗାୟକର ଏକ ମିଳିତ ରୂପ ଦେଖିବାକୁ ମିଳେ । ନା ଦିଆ ଗୀତ ବିଭିନ୍ନ ପରିବେଶରେ ସୃଷ୍ଟି ହୋଇଥାଏ । ପିଲାଟିଏ ଜନ୍ମ ହେଲେ ତାକୁ କୋଳ , ଆଳି-ଅଳିଆ ତା'ର ନାମକରଣ କରନ୍ତି । ଭଗବାନଙ୍କ ନାମ ସହ ସାମଞ୍ଜସ୍ୟ ରଖି ପିଲାଙ୍କ ନାମକରଣ କରାଯାଏ ଓ ଭଗବାନଙ୍କ ଗୁଣଗାନ କରାଯାଏ -

"ତୋତେ ଜନ୍ମ ଦେଲେ କାଳା କାହ୍ନୁ
ମୋ କାଳାକାହ୍ନୁ ଜନ୍ମ ଦେଲଟି
ତା' ମା' କୋଳରେ
ମୋ କାହ୍ନୁ "।

ଗ୍ରାମ୍ୟ ଯୁବତୀମାନେ ଥଟ୍ଟା ତାମସାରେ ପରସ୍ପର ବିଭିନ୍ନ ପ୍ରଶ୍ନ ପଚାରି ଥାଆନ୍ତି । ଏ ପ୍ରଶ୍ନ ଗୁଡ଼ିକ ଗୀତ ମାଧ୍ୟମରେ ଆଉ ଜଣେ ଉତ୍ତର ଦେଇଥାଏ ।

"ଦୁଧ ଖାଇ ଦୋଳି ଦୁଃଖ ହଥର
ବଡ଼ ଦୋହକାତି ବହେ ମଥାରେ
ବାଘ ଖୋଜେ ପୁଣି ହାଣ ଦିଅ
ଏମାର କୁହନ୍ତ ସେ କିମ୍ପାଇଁ ଦିଅ ?

## ଧର୍ମୀୟ ଚେତନା ସମ୍ବଳିତ ଲୋକଗୀତ :-

### (କ) ଖୁଦୁରୁକୁଣୀ ଓଷା ଗୀତ :-

ଖୁଦୁରୁକୁଣୀ ଓଷା କିଶୋରୀମାନଙ୍କର ପର୍ବ । ଓଡ଼ିଶାର ସଂସ୍କୃତି ଓ ଅତୀତ ଗୌରବକୁ ମନେ ପକାଇବାକୁ ଆଜି ଘରର ଝିଅମାନେ ଭାଇମାନଙ୍କ ମଙ୍ଗଳ କାମନା କରନ୍ତି । ଖୁଦୁରୁକୁଣୀ ଓଷାକୁ ଭାଲୁକୁଣୀ ଓଷା ମଧ୍ୟ କହନ୍ତି । ଓଷା ବଳି ପଡ଼ିବା ଦୁଇ ସାହି ସାହି ଭିତରେ ବାଦ-ପ୍ରତିବାଦ ଦେଖାଯାଏ । ଏଥିରେ ସାହିର କିଶୋରୀମାନେ ଭାଗ ନିଅନ୍ତି ଓ ମହାପ୍ରଭୁଙ୍କୁ ଗୀତରେ ଆଲୋଚନା କରିବା ଢଙ୍ଗରେ କଥୋପକଥନ କରନ୍ତି । ଗୋଟିଏ ଦଳ ପ୍ରଶ୍ନ ପଚାରନ୍ତି ଆଉ ଦଳେ ଉତ୍ତର ଦିଅନ୍ତି ।

### (ଖ) ଓଷା ବ୍ରତ ଗୀତ :-

ପଲ୍ଲୀ ଗୋଳରେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଓଷା ପାଳନ କରାଯାଇଥାଏ । ଓଷାବାନଙ୍କ ପାଇଁ ମାନସିକ କରି ଭକ୍ତ ତାର ମନର ଗୁହାରି କରିଥାଏ ତଥା ମାନସିକ ପୂରଣ ପାଇଁ ଓଷାବାନଙ୍କ ନିକଟରେ ସେ ଗୀତ ଆକାରରେ ନିଜ ହୃଦୟର ଗୁହାରି ଜଣାଇଥାଏ । ଏଂକାଳିଆବଧି କିଶୋରୀ କନ୍ୟାକୁ ନିଜ ଓଡ଼ିଆପଣର ସୁରକ୍ଷା ପାଇଁ ଗୀତ ଗାଇଥାନ୍ତି । ଓଡ଼ିଆପଣରେ ଗୁହାରୀ ଦେବା ଆଶାରେ କିଶୋରୀମାନେ ଗାଆନ୍ତି । -

## ମନସ୍ତାତ୍ତ୍ୱିକ ଲୋକଗୀତ :-

### (କ) ଦୋଳିଗୀତ :-

ଆଷାଢ଼ ମାସର ପ୍ରଥମ ଦିନରେ ଓଡ଼ିଶାର ଗ୍ରାମପଲ୍ଲୀରେ ରଜପର୍ବ ପାଳନ ହୁଏ । ପୃଥିବୀ ରଜସ୍ୱଳା ହୋଇଥାନ୍ତି । ପ୍ରକୃତିରେ ଆସେ ନବଯୌବନର ସମଗ୍ର ପ୍ରକୃତି ପାଳନ କରାଯାଏ ସମ୍ଭବତଃ । ତିନି ରଜପର୍ବର ମୁଖ୍ୟ ଆକର୍ଷଣ ଦୋଳି । ଗ୍ରାମ ଝିଅମାନେ ନିଜକୁ ଦୋଳିଖେଳରେ

ନିବେଦିତ କରନ୍ତି । ପରମେଶ୍ୱର ପ୍ରତି ପ୍ରେମାସକ୍ତି ଯୋଗୁ ପରୋପକାରିତାରେ ଭକ୍ତି ଚନ୍ଦନ ବାକ୍ୟ ବିନିମୟ କରିଥାନ୍ତି । କିଶୋର କିଶୋରୀମାନଙ୍କର ନୂତନ ବିନିମୟ ଘଟିଥାଏ । ନୂତନ ବେଶଭୂଷା, ଖାଦ୍ୟପେୟ, ଦୋଳି ଗୀତରେ ରଜପର୍ବକୁ ଉପଭୋଗ କରାଯାଏ । ଗୋଟିଏ ଗାଁର ଝିଅମାନେ ଅନ୍ୟ ଗାଁକୁ ଦୋଳି ଖେଳିବା ପାଇଁ ଯାଆନ୍ତି ଓ ସେଠାରେ ଦୋଳି ଗୀତ ଗାନ କରନ୍ତି । ସମୟେ ସମୟେ ଦୋଳି ଖେଳ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥାଏ । ତେଣୁ ଖେଳର ମୁଖ୍ୟ ଆକର୍ଷଣ ହେଲା ଗୀତ । ଦୋଳି ଖେଳର ତାଳେ ତାଳେ ଦୋଳି ଗୀତ ଗାନ କରାଯାଇଥାଏ ।

## (ଘ) କାନ୍ଦଣା ଗୀତ :-

ନାରୀ ଜୀବନର ଜୀବନକାଳ ବଡ଼ ବିଚିତ୍ର । ଗୋଟିଏ ଗାଁରେ ସେ ଜନ୍ମ ହୁଏ । ଝିଅ ଝିଅ ହୋଇ । ଆଉ ଗୋଟିଏ ଗାଁରେ ତା' କୋକେଇ ସଜା ହୁଏ । ପିଲାଟି ଦିନରୁ ଅତି ଆଦରର ହୋଇ ବଢ଼ିଥିବା ଝିଅଟି ଯୋଗରେ ପରଘରକୁ ଚାଲିଯାଏ । ଏ ଅବସ୍ଥା, ଘର, ବାପଭାଇ, ଭଉଣୀ, ଚଢ଼େଇ, ବାଘ, ଗାଈ ସମସ୍ତେ ତା' ପାଇଁ ପର ପାଲଟି ଯାଆନ୍ତି । କେଉଁ ଅଜଣା, ଅଚିହ୍ନା ହାତ ଧରି ତା'ର ଅବଶିଷ୍ଟ ଜୀବନ କଟାଇବା ପାଇଁ ସେ ବାଧ୍ୟ ହୋଇଥାଏ । ଏଥିରେ ପଡ଼ିରହେ ତା'ର ପିଲାଦିନ, ସାଙ୍ଗସାଥୀ, ଖେଳକୁଦ ଆଉ ଖେଳ ପରିବେଶ । ଏଇ ଜୀବନ । ଶୁଭ ଲଗ୍ନରେ ସେ ଯେତେବେଳେ ସ୍ୱାମୀର ଘରକୁ ପ୍ରଥମ ପାଦ ହୋଇଯାଏ ତା' ମନରେ ଶାନ୍ତି ନଥାଏ, ସମାଜରେ ସେ ଏକା, ସମସ୍ତେ ତା' ପାଇଁ ଅପରିଚିତ, କା' ଆଗରେ ସେ ନିଜର ମନର ବେଦନା ପ୍ରକାଶ କରିବ, କିଏ ବାଣ୍ଟିନେବ ତା' ଦୁଃଖ । ପିଲାଦିନର ସବୁ ସ୍ମୃତିକୁ ପଛରେ ପକାଇ ସେ ଅନିଶ୍ଚିତ ଭବିଷ୍ୟତର ହାତ ଧରି ଯିବାବାଟରେ ତା' ହୃଦୟର ସବୁ ସ୍ମୃତିକୁ ପଛରେ ପକାଇ ତମାମ ଦୁଃଖ ଲୁହ ହୋଇ ଦୁଇ ଆଖିର ଧାରରୁ ଝରିଆସେ । ଯେତେବେଳେ ବାପାଙ୍କୁ ଧରି ତ କେତେବେଳେ ଭାଇଙ୍କୁ ତା' ଅନ୍ତରର ଶୋକଦୁଃଖ ଆବେଗକୁ ସେ ପ୍ରକାଶ କରେ । କାନ୍ଦଣା ପ୍ରତ୍ୟେକ ଓଡ଼ିଆ ନାରୀ ଅଭ୍ୟାସ କରି ଶିଖି ନେଉଥିଲା । ବିବାହ ସମୟରେ ଯିଏ କାନ୍ଦୁନଥିଲା ତାକୁ ଅନ୍ୟମାନେ ଉପହାସ ଶୁଷ୍କ ବୋଲି ଚିହ୍ନ କରୁଥିଲେ । କେତେ ଲୋକ ବିବାହରେ କାନ୍ଦଣା

ସେଠି କିଆରିରେ ଗୋ
ଆଉ କେତେକ ଲୋକପ୍ରିୟ ଶିଶୁ ଗୀତିକା ମଧ୍ୟରୁ-

ସ୍କୁଲ ଛାଡ଼ି ସ୍କୁଲ ଛାଡ଼ି
ସ୍କୁଲିକେ ଆଇନୁ ମତୁ ଛାଡ଼ି
ମୋର ଛାଡ଼ି ସ୍କୁଲରେ
କିଆ କଦା ଆଉ ଫୁଲରେ

## କର୍ମମୂଳକ ଲୋକଗୀତ :—

### (କ) କୃଷକ ଗୀତ :—

କୃଷି ଉତ୍କଳବାସୀ ମାନଙ୍କ ଜୀବନର ଅନ୍ୟତମ ପ୍ରଧାନ ଅବଲମ୍ବନ। କୃଷି କାର୍ଯ୍ୟ ଅତ୍ୟଧିକ ଶ୍ରମସାପେକ୍ଷ ହୋଇଥିବାରୁ କାର୍ଯ୍ୟ ସମୟରେ ଅବସର ବିନୋଦନର ଆବଶ୍ୟକତା ରହିଛି। କର୍ମକ୍ଲାନ୍ତ ମନରୁ ମାନସିକ ବେଦନା ଟିକେ ଦୂରେଇ ଦେବା ପାଇଁ କୃଷକ ବେଳେ ବେଳେ କୃଷିକାର୍ଯ୍ୟ ମଧ୍ୟରେ ଗୀତର ସ୍ୱର ଛୁଟାଇ ଦିଏ।-

ହାଲ ଖିଲେ ଭାଇ ଗୋ , ଲକ୍ଷ୍ମୀ ନେଲେ ନାଇ
କେଉଁ ଦିଗେ ମେଘ ଗୋ ବରଷା
ବିନ୍ତିରେ ଯେନି ଡାଳ ଡୋଳ
ସୁଦର୍ଶନ ଲୁଳାଙ୍କୁ ଗୋ , କୁଠାର ହୁଆଲି
ନାନ ଚଳେନ ହୋ ବଳଦ ନକିଆ ବନମାଳି ହୋ

### (ଖ) ଶଗଡ଼ିଆ ଗୀତ :—

ସାଂପ୍ରତିକ ଯାନ୍ତ୍ରିକ ସଭ୍ୟତାର ଅଭ୍ୟୁଦୟ ପୂର୍ବରୁ ପଲ୍ଲୀରେ ପରିବହନର ଏକମାତ୍ର ମାଧ୍ୟମ ଥିଲା ଶଗଡ଼। ସେହି ଶଗଡ଼ ଗ୍ରାମ୍ୟ ସୁଖ-ଦୁଃଖର ପ୍ରତୀକ। ପାର୍ବଣ ହେଉ ଅଥବା ବିବାହ ଉତ୍ସବ, ସବୁଥିରେ ଶଗଡ଼ିଆଙ୍କୁ ହିଁ ଖୋଜା ପଡ଼େ। ଶଗଡ଼ିଆ ନିଜର ରାସ୍ତାରେ ବଳଦକୁ ହାଙ୍କିଲା ବେଳେ ନିଃସଙ୍ଗତାକୁ ଭାଙ୍ଗିବା ପାଇଁ ତଥା ଶ୍ରମ ଲାଘବ କରିବା ପାଇଁ ତାର କଣ୍ଠରୁ ଯାହା ବାହାରି ଆସେ ତାହା ହିଁ ଶଗଡ଼ିଆ ଗୀତ -

ଆଗରେ ଶଗଡ଼ି ବୋହି ଦିନ କଲୁ ସାରା
ପଛରେ ଶଗଡ଼ିଆର କପାଳରେ ଦିଲ
ସାହେବେ ଶଗଡ଼ିଆକୁ କହିବ
ତଣ୍ଟିଆ ବଳେ ଲୁଗା ନେ।

(ଗ) ଚକୁଳିଆପଣ୍ଡା ଗୀତ :—

କାର୍ତ୍ତିକ ମାସରେ ପଣ୍ଡାମାନେ ଗ୍ରାମ ଗ୍ରାମ ବୁଲି ଭିକ୍ଷା ମାଗୁଥିବାରୁ ସେମାନଙ୍କୁ ଚକୁଳିଆ ପଣ୍ଡା କୁହାଯାଏ। ଧର୍ମ ବିଶ୍ୱାସୀ ଗ୍ରାମବାସୀମାନଙ୍କ ପ୍ରାଣକୁ ଜୟ କରିବା ପାଇଁ କେତେବେଳେ ଜାତୁ ନାମ ଓ ଭୂମି କେତେବେଳେ ରାମ-ନାମ ନେଇ ସେମାନେ ଭକ୍ତସ୍ୱରରେ ଗୀତର ଆସର ମେଳି ଗାଁ ଦାଣ୍ଡରେ ଗାଇଥାନ୍ତି।—

ଆସଗୋ ଲୋକେ ରାମନାମ ପଦକୁ ଭଜିଲେ ଉଦ୍ଧାରିବି
ସ୍ୱନେହେ ଗୋବିନ୍ଦ ଦେଖୁ ସ୍ୱର୍ଗକୁ ଗଲେ ହରି ହେ
ମନୁଷ୍ୟ ରାମନାମ ପଦକୁ ଭଜିଲେକି ଯୋଉଁକା
ପାପ କୋଟି ଛୁଟି ଯାଉ ହେଲେ ବଳବନ୍ତା ହେ।

(ଘ) ମଚାଙ୍ଗିଆଳ ଗୀତ :—

ମଚାଙ୍ଗିଆଳମାନେ ରାତିରେ ମଚାଙ୍ଗି ଜଗିବା ସମୟରେ ଗ୍ରାମଠାରୁ ଓ ଘରଠାରୁ ଦୂରରେ ରହି ଘର କଥା ମନେ ପକାଇବା ସ୍ୱାଭାବିକ। ମନକୁ ସହିତ ଜଗାରଖା କରିବା ଏକ କଷ୍ଟକର ବ୍ୟାପାର। ସେହି କଷ୍ଟକୁ ଲାଘବ କରିବା ପାଇଁ ମଚାଙ୍ଗିଆଳମାନେ ଗୀତକୁ ବଳିଯାଇଥାନ୍ତି।

(ଙ) ନାଉରିଆ ଗୀତ:—

ଘାଟ ପାରି ହେବା ସମୟରେ ନାଉରିଆ ଏବଂ ଘାଟରେ ଜଗି ବସିଥିବା ସମୟରେ ନାଉରିଆ ନିଜର ମନର ଅବସ୍ଥାକୁ ପ୍ରକାଶ କରିବା ପାଇଁ କେତେ ଗୀତର ଆସର ମେଳି ଦେଇଥାଏ।

(ଗ) ସୁଆରୀ ଗୀତ :—

ବିବାହ ପରେ କନ୍ୟାକୁ ତା' ଶାଶୁଘରେ ନେବାରେ ସୁଆରୀ ଆବଶ୍ୟକ ପଡ଼େ। ଦୂରପଥ ଅତିକ୍ରମ କରୁଥିବା ବେଳେ ସୁଆରୀମାନେ ପଥଶ୍ରାନ୍ତ ଜନିତ କଷ୍ଟ ଲାଘବ କରିବା ପାଇଁ ତଥା ସୁଆରୀରେ ବସିଥିବା କନ୍ୟାଟିକୁ ସାନ୍ତ୍ୱନା ଦେବା ପାଇଁ ଗୀତର ପ୍ରଥା ଚାଲିଥାଏ।—

ସୁନ୍ଦରୀ ରାଣୀଲୋ
ଯବର କରିଲୋ
ଡବର ଡାଳିଲୋ
ନଉର କରୀ ଲୋ
ପୂରେ ଗଡିଲୁ ଲୋ
ହଣି ମୋଦ ଲୋ
ପୂରେ ଚଳିଲୁ ଲୋ
ଆଁକୁ ଧୋବା ଲୋ
ଶବାରୀ ରଥ ଲୋ

ଜନଶ୍ରଧା ମୂଳକ ଲୋକଗୀତ :—

(କ) ଢଗଢମାଳି :—

ଢଗଢମାଳି ଲୋକଗୀତର ଅନ୍ତର୍ଭୁକ୍ତ ନ ହେଲେ ହେଁ ହୋର ଆବୃତ୍ତି ଓ ଗାନ ଧର୍ମିତା ତାହାକୁ ଲୋକଗୀତର ମର୍ଯ୍ୟାଦା ପ୍ରଦାନ କରେ। ଓଡ଼ିଶାର ପ୍ରାନ୍ତପଲ୍ଲୀରେ ବିଭିନ୍ନ ପ୍ରକାର ଢଗଢମାଳି ପରିଦୃଷ୍ଟ ହୁଏ ଯଥା :—

ମୋର ଦହେଳର ବାଟରେ ବସା
ଗୋଲକି ମୋର କାରକ ଓସା
ଅଦ୍ଭୁତ ବ୍ରାହ୍ମଣ ଲୁଚରୁ ପୋଥା
କଳହ ଦଳାର ଗୋଆଁଙ୍କୁ ଯୋଡ଼ା
ଦାସ୍ୟ ଓ ଗୋବର —
ଜଳଦ ଭିଜିବ ପାଳୁଆ
ଗାଈ ଭିଜିବ ଧାଡ଼ୁଆ

ଭିତରର କାରାଗାରରେ ବନ୍ଦୀ ନୁହେଁ । ମନର ମଣିଷ ହେବାକୁ ହେଲେ ସୁନ୍ଦର ରୂପ ହିଁ ଦରକାର । କାରଣ ଜୀବନର ଏହି ସାର୍ବକାଳିକ ସତ୍ୟଟି ଲୋକଗୀତିକାର ଗୋଟିଏ ପଦରେ ପ୍ରକାଶିତ -

ମାଡ଼ିଆ ଘର , ତେଡ଼ିଆ ଘର
ହସ ମାରୁଥାଏ କର କର
ଚାଳିଆ ଘର , କୁଡ଼ିଆ ଘର
ଲୁହ ବୋହୁଥାଏ ଝର ଝର

ଏହା ବ୍ୟତୀତ ଗୋଟିଏ ଝିଅ ସମ୍ପର୍କରେ ପରିବାରର ବିଭିନ୍ନ ସଦସ୍ୟମାନଙ୍କର ଭିନ୍ନ ଭିନ୍ନ ମନୋବୃତ୍ତିର ପରିଚୟ ପ୍ରଦାନ କରାଯାଇ ସୁହାଯାଇଛି -

ବାପା ବୋଲେ ଝିଅ ମୋର ଘର ଦରଦର
ମାଆ ବୋଲେ ଝିଅ ମୋର କୋଠାକୁ ସୁନ୍ଦର
ଭାଇ ବୋଲେ ଭଉଣୀ ମୋ' କଡ଼ି ଗଣେ ଥାଇ
ଭାଉଜ ବୋଲେ , କଣାକି ହାଣ୍ଡୀକୁ ପେଶେ ଯାଇ

## ଲୋକଗୀତରେ ସମାଜ ଓ ସଂସ୍କୃତି :-

ଲୋକଗୀତ କେବଳ କବିତା ନୁହେଁ । ଯେଣୁ ଦରବାରର ପ୍ରକୋଷ୍ଠ ମଧ୍ୟରେ ଏହା ଆତ୍ମ ପ୍ରକାଶିତ ନ ହୋଇ ପଲ୍ଲୀର ସେହି ଶାଗ ଦାଣ୍ଡ, ସେହି ଆମ୍ବ ତୋଟା ତଥା ବିଭିନ୍ନ ପର୍ବ - ପର୍ବାଣି , ପୂଜା ପାର୍ବଣ , ଓଷା - ବ୍ରତ ମଧ୍ୟରେ ଆତ୍ମ ପ୍ରକାଶ କରିଛି । ପଲ୍ଲୀ ଗୀତର ସଂପର୍କରେ ଗୋଟିଏ ଧାଡ଼ିରେ କହିଲେ ଏହା ଠିକ ହେବ ଯେ, ଲୋକ ଗୀତ ଯେମିତି ପଲ୍ଲୀ କବି ନନ୍ଦକିଶୋର ବଳଙ୍କ କବିତା ; ଯୋଉଁଠି ଦାମରା କାଡ଼ ଅଛି, ଜହ୍ନ ରାତି ଅଛି , ଶୀତ ରାତି ଅଛି । ଅଛି ଝୁଲୁକାର ଚିତା , ଅଛି ଗାଧୁଆ ତୁଠରେ ନୂଆ ବୋହୂଟିଏ ପାଉଁଜି ମାଜିବାର ଦୃଶ୍ୟ । ଓଡ଼ିଶାର ସଂସ୍କୃତି ର ତଥ୍ୟମାନଙ୍କର ପରିଚୟ ଗ୍ରାମରୁ ହିଁ ଜଣାଯାଇଥାଏ । ଏହି ମର୍ମରେ ଲୋକଗୀତ ପଲ୍ଲୀ ଜନନ ଗୀତ ହୋଇଥିବାରୁ ଏହି ଲୋକଗୀତରେ ସମାଜ ଓ ସଂସ୍କୃତି ର ପରିଚୟ ମିଳେ । ଓଡ଼ିଶାର ସଂସ୍କୃତି , ସ୍ମୃତି ମାନ,

ର ପରିବେଶ ଗ୍ରାମକୁ ହିଁ ଦର୍ଶାଯାଇଥାଏ । ତେଣୁ ସମସ୍ତେ ଯେ ଲୋକଗୀତ ପଲ୍ଲୀ ଜୀବନ ଗୀତ ହୋଇଥିବାରୁ ତେଣୁ ଲୋକଗୀତରେ ସମାଜ ସଂସ୍କୃତିର ପରିଚୟ ମିଳେ । ଓଡ଼ିଶାର ସଂସ୍କୃତି, ସ୍ମୃତିମାନ ଓ ପରିଚୟ ତେଣୁ ଗାଁ ଲୋକରେ । ଲୁଚାବତୀ ସ୍ଥଳରେ ସଞ୍ଜୀବନୀ ହୋଇ ରହିଛି ।

ଜୀବନର ପ୍ରତିଟି କୋଣ ଅନୁକୋଣ ଲୋକଗୀତରେ ସ୍ଥାନ ପ୍ରକାଶ କରିଛି । ପଲ୍ଲୀର ଗୋଷ୍ଠୀବଦ୍ଧ ଲୋକ ଜୀବନ, ପର୍ବ - ପର୍ବାଣୀ, ମେଳା - ମେଳଣ, ସବୁ ଗୀତରେ ଅପ୍ରସିଦ୍ଧ ଗାୟକମାନଙ୍କ କଣ୍ଠରେ ଗାନ କରାଯାଇଛି । ପ୍ରକୃତି ସହ ଭାବକୁ ମିଶାଇ ଦେବାର ଅଦ୍ଭୁତ ଦିବ୍ୟଶକ୍ତି କେବଳ ଲୋକଗୀତର ରହିଛି । ମଣିଷର ଅନ୍ତଃ ପ୍ରକୃତି ସହ ପ୍ରକୃତିରେ ମଧୁ ମେଳକ କିପରି ଲୋକ ଗୀତିକାର ତା' ଗୀତରେ ସମ୍ଭବ କରିଛି । ଗୋଟିଏ ଉଦାହରଣ ଦେଲେ ତାହା ସ୍ପଷ୍ଟ ହେବ -

ଓଡ଼ିଗଲେ ଗୋବ୍ରାକିଆ
ଛାଡ଼ିଦେଇ ଘର ଲୋ
ହାଡ଼ଜେମା କାନ୍ଦୁଅଛି
ପାଇ ଦୁଃଖ ବଡ଼ ଲୋ

ହାଡ଼ଜେମା ଦୁଃଖ ବଡ଼ ପାଇଁ କାନ୍ଦିବା ସହ ଗୋବ୍ରାକିଆ ଘର ଛାଡ଼ି ଦେବାର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀକୁ ପାଠକେ ବିଚାର କରନ୍ତୁ । ଘର ଛାଡ଼ିଗଲେ ଆଉ ଫେରି ହୁଏନା କି ଥରେ ବର୍ଷକ ପାଇଁ ବାହାରିଗଲେ ଆଉ କୁଆଁରୀ ସାଜି ହୁଏନା । ଏହି ଯୋଉଁ ଚିତ୍ରକଳ୍ପର ପ୍ରୟୋଗ ଲୋକଗୀତରେ ପ୍ରୟୋଗ କରାଯାଇଛି ତାହା ଆଜିର କବିମାନଙ୍କୁ ହତ-ଚକିତ କରେ । ସେହିପରି ଅନେକ ଲୋକଗୀତ ରହିଛି ଯୋଉଁଥିରେ ପଲ୍ଲୀ ଲୋକର ମାର୍ମିକ, ଅଭିବ୍ୟକ୍ତିମାନ ଦୃଷ୍ଟିଗୋଚର ହୁଏ । ଓଡ଼ିଶାର ପଲ୍ଲୀର ଜନବାସ କରୁଥିବା ବିଭିନ୍ନ ସମ୍ପ୍ରଦାୟ ତଥା କେଳା, କୁଡ଼ିକା, ନାଉରିଆ, କନ୍ଧ ଏବଂ ଅନ୍ୟାନ୍ୟ ଜନଜାତିମାନଙ୍କ ପାଇଁ ଲୋକଗୀତରେ ଅନେକ ସୁମଧୁର, ମର୍ମସ୍ପର୍ଶୀ ତଥା ହୃଦୟସ୍ପର୍ଶୀ । ଗୀତମାନ ରହିଛି ।

## ନାରୀ ମନସ୍ତତ୍ତ୍ୱ :-

ଆଧୁନିକ ସାହିତ୍ୟରେ ମନସ୍ତତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାର ଲକ୍ଷ୍ୟ କରାଯାଇ ପାରେ । ସେଥିପାଇଁ ସାହିତ୍ୟିକମାନେ ମନସ୍ତତ୍ତ୍ୱ ସମ୍ବନ୍ଧରେ ଜ୍ଞାନ ଆହରଣ କରିବାକୁ ଲାଗିଛନ୍ତି । ମାତ୍ର ଆଶ୍ଚର୍ଯ୍ୟର ବିଷୟ , ବିଶ୍ୱ ସାହିତ୍ୟରେ ଯେତେବେଳେ ମନସ୍ତତ୍ତ୍ୱ ବିକାଶ ଲାଭ କରି ନଥିଲା , ସେତେବେଳେ ଲୋକସାହିତ୍ୟରେ ତା'ର ଅପୂର୍ବ ବିକାଶ ପରିଲକ୍ଷିତ ହୋଇଥିଲା । ବାସ୍ତବରେ କହିଲେ ଲୋକ ସାହିତ୍ୟ ସ୍ରଷ୍ଟା ହେଲେ ଜଣେ ବିଶିଷ୍ଟ ମନସ୍ତତ୍ତ୍ୱବିତ୍ । ବିଶେଷ ଭାବରେ ନାରୀ ତା'ର ମନର କଥାକୁ ଯେପରି ଅକୁଣ୍ଠିତ ଭାବରେ ପ୍ରକାଶ କରିଛି , ସେଥିରୁ ତା'ର ଯଥାର୍ଥ ମନସ୍ତତ୍ତ୍ୱର ପରିଚୟ ମିଳିଥାଏ ।

ପ୍ରବାସରେ ଥିବା ସ୍ୱାମୀଙ୍କୁ ଅପେକ୍ଷା କରି କରି ଯେତେବେଳେ ଅପେକ୍ଷମାଣା ନାରୀଟି ହତୋତ୍ସାହ ହୋଇପଡ଼େ , ପତି ବିରହରେ ତା'ର ଯୌବନ ବିଫଳ ହୋଇପଡ଼େ , ସେତିକିବେଳେ ସେ ତା'ର ମନର କଥା ପ୍ରକାଶ କରିବାକୁ ଯାଇ କହିଥାଏ -

ପାଚିଲା ଆମ୍ବ ପଳାଶ
ବୃଥା ହେଲା ମୋର ଯୌବନ କଳସ
ଧନ ରହିଲେ ବିଦେଶ

ଦୀର୍ଘଦିନ ଧରି ବିଦେଶରେ ରହିଥିବା ପତିଙ୍କ ଆଗମନପାଇଁ ଅପେକ୍ଷା କରି ରହିଥିବା ନାରୀଟିର ମନରେ ଯେତେବେଳେ ଅନେକ କଳ୍ପନା ବସା ବାନ୍ଧିଥାଏ । ସ୍ୱାମୀଙ୍କ ଉପସ୍ଥିତିରେ ସେ କିପରି ତାଙ୍କର ସମ୍ବର୍ଦ୍ଧନା କରିବ , ସେଥିପାଇଁ ମଧ୍ୟ ସେ ଯୋଜନା ପ୍ରସ୍ତୁତ କରି ରଖିଥାଏ ।

ଜାଗର, ଝାଡ଼ାଫୁଙ୍କା, ମନ୍ତ୍ର ଆଦି ଗୀତ :-

ଗାଁ ଗଣ୍ଡାରେ ଅନେକ ସାମାଜିକ କୁସଂସ୍କାର ଓ ଅନ୍ଧବିଶ୍ୱାସ ଭରି ରହିଥାଏ। ଡାହାଣୀ ଲାଗିବା, ଭୂତ ପ୍ରେତ ଲାଗିବା, ନଜର ଜର ହେବା ଆଦି କାରଣରୁ ଝାଡ଼ାଫୁଙ୍କା କରାଯାଇଥାଏ। ଲୋକ ବିଶ୍ୱାସର ଏହି ଉପରେ ହିଁ ଏହା ପ୍ରତିଷ୍ଠିତ। ସେଥିପାଇଁ ଗାଁରେ ଗୁଣିଆମାନଙ୍କର ସାଧାରଣ ଜନଙ୍କ ବିଶେଷ କରି ତାଙ୍କୁ ସାମାଜିକ ମର୍ଯ୍ୟାଦା ଅଧିକ ହୁଏ। ଡାହାଣୀ ଲାଗିଲେ ଗୁଣିଆ ଡାକି ଦେହ ଝଡ଼ାଇବା, ଭୂତ ଉପଦ୍ରବ ହେଲେ ଗୁଣିଙ୍କୁ ଡାକଡାକି ଦିଆଯିବା, ଭୂତ ଉପଦ୍ରବରୁ ରକ୍ଷା ପାଇଁ ବଳି ଛେଳି ଦେବା, ଜଙ୍ଗଲ ଅନ୍ଧାର ପଥରେ ଚାଲିବା ସମୟରେ ଦେବୀ ବଳି ଦେବତାଙ୍କୁ ବଳି ଦେବତାଙ୍କୁ ସନ୍ତୋଷ କରି ନିର୍ଭୀକ ହୋଇ ଚାଲିବା ସେ କାଳର ଏକ ରୀତି ଥିଲା। ମନ୍ତ୍ର ବଳରେ ଅସାଧ୍ୟ ସାଧନ ହୋଇପାରେ ବୋଲି ଲୋକବିଶ୍ୱାସ ପ୍ରଚଳିତ ଥିଲା। ଗୁଣିଆ ଦ୍ୱାରା ଦେହ ବନ୍ଧାଇ ଦେଇଥିଲେ ଭୂତ ପ୍ରେତ, ଚୁଡ଼ୁଲ ରାକ୍ଷସ, ଡାହାଣୀ, ଚିରୁଗୁଣୀ, କୌଣସି ଅନିଷ୍ଟ ସାଧନ କରି ନ ପାରନ୍ତି। ଓଡ଼ିଶାରେ ପ୍ରଚଳିତ ଏହି ପରି କେତୋଟି ଉଦାହରଣ ନିମ୍ନରେ ଦିଆଗଲା। —

ଦେହ ବନ୍ଧେଇବା ମନ୍ତ୍ର :—

ବନ୍ଧ ବାନ୍ଧେଣି ବଜ୍ରଦ୍ୱାର, ଚଉକଡି ଚଉଦ୍ୱାର
ଦିହାରେ ଡାହାଣ ଦେଖି, ବାମେ ଖେତ୍ରପାଳ
ଆଗେ ନରସିଂହ, ପଛେ ଅଗ୍ନିବେତାଳ
ଉପରେ ମହାମୁଦ୍ରା ବଜ୍ରକପାଟ
କେଉଁଠି ଅଛରେ କେଉଁଠି ନ ଛାଡ଼ିବୁ
ନ ଛାଡ଼ିବୁ ବୋଲି କାହାର ଆଜ୍ଞା?
କାଉଁରୀ କାମାକ୍ଷୀଙ୍କର କୋଟି କୋଟି ଆଜ୍ଞା।

ଡାହାଣୀବନ୍ଧା ମନ୍ତ୍ର :—

କୋଟଶ୍ୱରୀର ନାମଦୋଷ , ତା'ପୁଅ ନାମ ମହାବୀର
ହାତେ ଖେଳି ଲାଠି , ଛୁଲେ ନିଶାଘାତେ ଛାତି
ମୋ' ବାଡ଼ ପଡ଼ିଲା ଅଠର ଯୋଜନ ଘେରି
ମୋ' ଦେହକୁ ଚୋଟି ଦଣ୍ଡ ମହାଦେବଙ୍କ ତ୍ରିଶୂଳ ଶକ୍ତି
ଆଇଲା ଗୁଣିଆ ବସିଲା ମାଡ଼ି
ସ୍ତନରୁ ଦୁଇ ଆଙ୍ଗୁଳି ପାରି
କି ଚାହୁଁଲ କନ୍ୟାକୁମାରୀ ଚୋରୀ ?
ଲଗେ ଶିବ ହୋଇଲେ ହରା ,
ମୋତେ ଦୁନାକୁ ନବଦ୍ୱାର ଘାଟି
ଆଲୋ ଦାରି ଆପୀ ଲୁଣ୍ଡିଖୋଜ
ରୁଦ୍ରଙ୍କ ହାଜ ମୋର ରାଜ
ଦେବୀ ପରମ୍ଭୁରୀ ମୋ ମାଉ (ମୋଆ)

ଜଟା ଖା' ଗୁଣ୍ଡା ମନ୍ତ୍ର :—

ଲୁଣା ମୋହୋର ମାଆ
ମୁଁ ଗୁଣିଆର ଦଣ୍ଡର ମାଆ
ନ ରହୁ ବୋଲି ଲାଗିର ଆଞ୍ଜି।
ଶ୍ରୀ ଦୂଜାଙ୍କର କୋଟି ଆଜ୍ଞା।

ଏବେ ମଧ୍ୟ ଓଡ଼ିଶାର ବନ ଜଙ୍ଗଲର ଏହି ମନ୍ତ୍ର ମାନଙ୍କର ପ୍ରଭାବ କମ୍ ନୁହେଁ। ବିଜ୍ଞାନର ଅଗ୍ରଗତି ହୋଇ ମଧ୍ୟ ଏଥିକୁ ପ୍ରତିରୋଧ କରିପାରି ନାହିଁ। କାରଣ ଲୋକ ବିଶ୍ୱାସ ଯୋଗ ମୂଳରୁ ନ ହୋଇଥିବାରୁ ଏହି ପରମ୍ପରାର ଅବସାନ ଏବେ ସମ୍ଭବ ହେବା ଅସମ୍ଭବ ଜଣେ ହୋଇଥାଏ।

ସେହିପରି ଖାଦ୍ୟ ସମସ୍ୟା ତଥା ଖାଦ୍ୟ ଜନିତ ଦୁଃଖକୁ ନେଇ ଲୋକଗୀତରେ ଅନେକ ସୁନ୍ଦର ସୁନ୍ଦର କ୍ଷୁଦ୍ର କବିତା ମାନ ରହିଛି । ଜନତା ଶ୍ରମଜୀବୀର ଖାଦ୍ୟ କିମ୍ବା ବିଳାସ - ବ୍ୟସନ ଭିନ୍ନ ଭୋଗୀ ସଂପ୍ରଦାୟର ଖାଦ୍ୟ ତଥା ମଧ୍ୟବିତ ସଂପ୍ରଦାୟର ଖାଦ୍ୟ ସଂପର୍କରେ ଲୋକଗୀତରେ ଯେଉଁ କ୍ଷୁଦ୍ର କବିତାମାନ ରହିଛି ତାହା ତତ୍କାଳୀନ ସମାଜର ଖାଦ୍ୟ ପରମ୍ପରାର ନିଦର୍ଶନ ।

## ଉପସଂହାର :—

ଲୋକଗୀତ ଲୋକ ଜୀବନର ଜୀବନ୍ତ ବେଦ ସଦୃଶ । ଜନ୍ମ, ଜୀବନ, ସଂସ୍କୃତି, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ର କଳାକାର ଛବି ପ୍ରକାଶ । ଲୋକ ସାହିତ୍ୟର ଯେତେ ଗୁଡ଼ିଏ ବିଭାଗ ଅଛି ସେଥି ମଧ୍ୟରୁ ଲୋକଗୀତ ଅନ୍ୟାନ୍ୟ ବିଭାଗ ଅପେକ୍ଷା ଜନପ୍ରିୟତାରେ ଅଧିକ ଆଦୃତ ଓ ପରିଚିତ । ଲୋକଗୀତ ବିବିଧ ରସ ଓ ଭାବରେ ବୈଚିତ୍ର୍ୟ ପୂର୍ଣ୍ଣ । ଜୀବନର ପ୍ରତ୍ୟେକଟି କଥା ଓ ବାର୍ତ୍ତା ଏହାର କଳେବରକୁ ସମୃଦ୍ଧ କରିଛି । ଜୀବନ ଯାହା ସାହିତ୍ୟ ସୃଷ୍ଟି ହେଲେ କେବଳ ଜୀବନର କଥା ହିଁ କହିଛି । କଳ୍ପନା ଓ ଅବାସ୍ତବତାର ଉଦାହରଣ ହେଲେ ବି ଇତିହାସ, ପୁରାଣ, ଭୂଗୋଳ, ବିଶ୍ୱାସ ବୋଧ ଓ ବୈଚିତ୍ର୍ୟ - ସମର ଅପୂର୍ବ ସମ୍ମିଳନ ହିଁ ଲୋକଗୀତ । ସେଥିପାଇଁ ଏହା ଲୋକବେଦ । ଏହା ଯେପରି ପଥଶ୍ରାନ୍ତ ପଥିକର କ୍ଳାନ୍ତିକୁ ଅପନୋଦନ କରିପାରେ । ଗ୍ରାମ୍ୟ ଜନର ଆଶା ଓ ଅଭିଳାଷ, ନିର୍ଯାତନା ନବବଧୂର ଆର୍ତ୍ତନାଦ, ଶିଶୁର ମନୋଜ୍ଞ ଭାବ ଓ ସ୍ନିଗ୍ଧତା - ସବୁ ଯେପରି ମିଶିଯାଇଛି ଏଥିରେ । ତେଣୁ କେ କଥାରେ କହିଲେ - ପୁରାଣଠାରୁ ଇତିହାସ ପର୍ଯ୍ୟନ୍ତ, ଭୂଗୋଳରୁ ଦର୍ଶନ, ଜୀବନରୁ ବାସ୍ତବତା ସବୁ କିଛିକୁ ଦେଖିବାକୁ ଚାହିଁଲେ, ତାହା କେବଳ ଲୋକଗୀତରେ ମିଳିପାରିବ । ସେଥିପାଇଁ ଯେଉଁ ଅତୀତ କାଳରେ ଜନ୍ମ ନେଇଥିଲେ ହେଁ ଲୋକଗୀତ ବର୍ତ୍ତମାନ ସୁଦ୍ଧା ମାନବର ହୃଦୟ ବେଦୀରେ ନିଜର

# ପ୍ରକଳ୍ପର ନିଷ୍କର୍ଷ

କେନ୍ଦ୍ରାପଡା ଜିଲ୍ଲାର ଲୋକଗୀତ ଓଡିଆ ଲୋକଗୀତର ଏକ ଅଂଶବିଶେଷ । କେଉଁ ଆଦିମକାଳରୁ ଲିଖିତ ହୋଇ ଏହା ମୁଖରୁ ମୁଖକୁ ଗତି କରି ଜନମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଆଜିବି ଏ ଅତ୍ୟାଧୁନିକ ଯୁଗରେ ସାହିତ୍ୟରେ ଅନେକ ବାଦ, ତତ୍ତ୍ୱ ତଥା ପରୀକ୍ଷା ନିରିକ୍ଷାର ଅବସରରେ ଏହା ତାର ଗୁଣାତ୍ମକମାନ ହରାଇ ନାହିଁ ବରଂ ଅନ୍ୟ କଥାରେ କହିଲେ କାଳଜୟୀ ହୋଇଯାଇଛି । କେନ୍ଦ୍ରାପଡାର ଲୋକଗୀତ ପ୍ରକଳ୍ପ ପ୍ରସ୍ତୁତ କଲା ବେଳେ ନିମ୍ନଲିଖିତ ନିର୍ଯ୍ୟାସ ଗୁଡିକ ଦୃଷ୍ଟି ଆକର୍ଷଣ କରିଥିଲା ।

୧. ଲୋକଗୀତ ହେଉଛି ଲୋକ ସମୁଦାୟ ଅର୍ଥାତ୍ ଶିକ୍ଷିତ, ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ନିର୍ବିଶେଷରେ ସମସ୍ତଙ୍କ ପାଇଁ ରଚିତ ହୋଇଥିବା ଗୀତ ।

୨. ଓଡିଶାର ଲୋକଗୀତ ତୁଳନାରେ କେନ୍ଦ୍ରାପଡା ଜିଲ୍ଲାର ଲୋକଗୀତ ତାର ଆଙ୍ଗିକ ଓ ଆତ୍ମିକ ବିଭବରେ କୌଣସି ଗୁଣରେ ନ୍ୟୁନ ନୁହେଁ ।

୩. ଏହି ଲୋକଗୀତ ଗୁଡିକର ସାମାଜିକ ଓ ଭାବଗତ ଆବେଦନ ମଧ ଖୁବ୍ ପ୍ରଭାବଶାଳୀ ।

୪. ଏହି ଗୀତ ଗୁଡିକ ମାଧମରେ ନାରୀ ଜୀବନର ଚିତ୍ର ଅତି ନିଖୁଣ ଭାବେ ଦେଖାଇ ଦିଆଯାଇଛି ।

୫. ବିବାହ, ବ୍ରତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକୁ ମଧ ଗୀତ ଗୁଡିକ ସୁନ୍ଦର ଭାବେ ଚିତ୍ରିତ କରିଛନ୍ତି ।

୬. ବିଶେଷ କରି ଅର୍ଦ୍ଧଶିକ୍ଷିତ, ଅଶିକ୍ଷିତ ଲୋକକବି ସମାଜର ତଥା ନିଜର ମନର ଭାବକୁ ଯେପରି ସ୍ୱତସ୍ଫୁର୍ତ୍ତ ଭାବେ ପ୍ରକାଶ କରିଛି ତାହା ଦେଖାଇ ଦିଆଯାଇଛି ।

୭. କେନ୍ଦ୍ରାପଡାର ଲୋକଗୀତ ହେଲେବି ଏହାର ମହକ ସାରା ଓଡିଶାକୁ ମୁଗ୍ଧ କରିଛି ।

୮. ହାସ୍ୟ ରସାତ୍ମକ ଗୀତଗୁଡିକ ଶ୍ରୋତାଙ୍କୁ ବିମଳ ଆନନ୍ଦ ପ୍ରଦାନ କରିବା ସହିତ ଅଧିକରୁ ଅଧିକ ଲୋକଙ୍କୁ ଆକର୍ଷିତ କରିଛି ।

୯. ଗୀତଗୁଡିକର ସାର୍ବକାଳିନ ଆବେଦନ ଖୁବ୍ ପ୍ରଭାବଶାଳୀ ତଥା ଜନମନ ହରଣକାରୀ ।

୧୦. ପ୍ରାଚୀନ, ମଧ୍ୟଯୁଗକୁ ଅତିକ୍ରମ କରି ବର୍ତ୍ତମାନ ସମୟ ଏମିତିକି ଓଡିଆ ସାହିତ୍ୟର ସ୍ଥିତି ଥିବା ପର୍ଯ୍ୟନ୍ତ କେନ୍ଦ୍ରାପଡାର ଲୋକଗୀତ ସେମିତି ସ୍ୱତନ୍ତ୍ରତା ଦାବି କରି ଚାଲିଥିବ ।

OFFICE OF THE PRINCIPAL
ESTD-1970
No.........
Date.........
PATTAMUNDAI COLLEGE, DIST. KENDRAPARA

ଡ. ପ୍ରେମଲତା ରାଉତ
ମାର୍ଗଦର୍ଶିକା

# PATTAMUNDAI COLLEGE, PATTAMUNDAI
## DEPARTMENT OF ODIA

Signature of the Participants of the Project

| Sl No | Class & Roll No | Signature of the Student |
|---|---|---|
| 1 | BA-17-053 | Sujata Das |
| 2 | BA-17-077 | Rojalini Das |
| 3 | B.A-17-079 | Sarojini Das |
| 4 | BA-17-097 | Menaka Malik |
| 5 | BA-17-105 | Prasanta Sutar |
| 6 | BA-17-109 | Janaki Behi |
| 7 | BA 17 - 137 | Padmini Ghadai |
| 8 | BA-17 - 150 | Rasmita Behera |
| 9 | BA-17-157 | Tarulata Malik |
| 10 | BA-17-160 | Santosh Kumar Jena |
| 11 | BA-17-170 | Suryakanta Pantala |
| 12 | BA 17 - 174 | Sangita Das |
| 13 | BA-17-175 | Barsharani Sethy |
| 14 | BA-17- 204 | Sandhya Sagarika Barik |
| 15 | | |
| 16 | | |
| 17 | | |
| 18 | | |
| 19 | | |
| 20 | | |
| 21 | | |
| 22 | | |
| 23 | | |
| 24 | | |
| 25 | | |
| 26 | | |
| 27 | | |
| 28 | | |
| 29 | | |
| 30 | | |
| 31 | | |
| 32 | | |
| 33 | | |
| 34 | | |
| 35 | | |
| 36 | | |

OFFICE OF THE PRINCIPAL * ESTD-1970 * No........ Date........ PATTAMUNDAI COLLEGE DIST-KENDRAPARA